## ସଂକ୍ଷେପରେ

### 'ଓଡ଼ିଶାର ଅର୍ଥନୀତି ସୁଦୃଢ଼ ହେଉଛି'

**ଢେଙ୍କାନାଳ ଅଫିସ, ୧୬।୧:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ପଞ୍ଚାୟତ ସମିତି କଲେଜରେ ଅର୍ଥନୀତି ବିଭାଗ ପକ୍ଷରୁ 'ନୂତନ ଅର୍ଥନୈତିକ ସଂସ୍କାର-୧୯୯୧, ପରବର୍ତ୍ତୀ ଓଡ଼ିଶା ଅର୍ଥନୀତିର ସ୍ଥିତି' ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଆଇଆଇଏମ୍ ଉତ୍ତରାଖଣ୍ଡର ବରିଷ୍ଠ ଅଧ୍ୟାପକ ଡ. ଜଗଦୀଶ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଅର୍ଥନୀତି ସୁଦୃଢ଼ ହେଉଛି। ଏହାକୁ ତ୍ୱରାନ୍ୱିତ କରିବା ପାଇଁ ମାନସିକତା ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଗୁଜରାଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗବେଷିକା ବାସନ୍ତୀ ସାହୁ, ହରିୟାଣା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗବେଷକ ଅଶ୍ୱିନୀ ପୃଷ୍ଟି, ଯୋରନ୍ଦା ମହିମା କଲେଜ ଅର୍ଥନୀତି ଅଧ୍ୟାପିକା ସସ୍ମିତା ଶତପଥୀ, ଖଜୁରିଆକଟାସ୍ଥିତ ହିନ୍ଦୋଳ କଲେଜ ଅର୍ଥନୀତି ବିଭାଗ ଅଧ୍ୟାପିକା ଶିଖା ସିଆଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭଗବତୀ ସାହୁ, ଜ୍ୟୋତିର୍ମୟୀ ସାହୁ, ସୋନିଆ ପୃଷ୍ଟି, ଦିବ୍ୟଜ୍ୟୋତି ସାହୁ, ରେଶ୍ମାରାଣୀ ସାହୁ, ସତ୍ୟବ୍ରତ ସାହୁ ପ୍ରମୁଖ ନିବନ୍ଧ ଉପସ୍ଥାପନ କରିଥିଲେ। ଡ. ଜଗଦୀଶ ପ୍ରସାଦ ସାହୁ ଏହାର ତର୍ଜମା କରିଥିଲେ। ପ୍ରାଧ୍ୟାପକ ଡ. ତପନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟାପିକା ନୟନା ବରାଳ, ବିଭାଗୀୟ ମୁଖ୍ୟ ଅଧ୍ୟାପକ ତ୍ରିଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆକର୍ଷଣୀୟ ହେବ ଢେଙ୍କାନାଳ ମାର୍କା ଶାଢ଼ି ଡିଜାଇନ

- ଜିଲାରୁ ପ୍ରସ୍ତୁତ ହସ୍ତତନ୍ତ ଶାଢ଼ି ବିକ୍ରିର ଶୁଭାରମ୍ଭ
- ପ୍ରଶିକ୍ଷଣ ଦେବେ ସମ୍ବଲପୁର, ସୋନପୁରର ଦକ୍ଷ ବୁଣାକାର
- ସମସ୍ତ ବ୍ଲକ, ପୌର ଓ ଏନ୍‌ଏସି କାର୍ଯ୍ୟାଳୟରେ ବିକ୍ରି ବ୍ୟବସ୍ଥା

**ଢେଙ୍କାନାଳ ଅଫିସ, ୧୬।୧**



ଜିଲା କାର୍ଯ୍ୟାଳୟରେ ଜିଲାର ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଢେଙ୍କାନାଳ ମାର୍କା ଶାଢ଼ି ବିକ୍ରିର ଶୁଭାରମ୍ଭ କରୁଛନ୍ତି ଜିଲାପାଳ।

ଢେଙ୍କାନାଳ ଜିଲା ସଦର ବ୍ଲକ ସରାଗପାଟଣା, ଚନ୍ଦ୍ରଶେଖରପ୍ରସାଦ, ଓଡାପଡା ବ୍ଲକର ରଥପଦା ଓ ପରଜଙ୍ଗ ବ୍ଲକ ଖାଲପାଳ ନିକଟସ୍ଥ ଗିରିଗୋବର୍ଦ୍ଧନ ଗ୍ରାମରେ ସ୍ଥାନୀୟ ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ କାରଗିଲ, କମ୍ପ୍ୟୁଟର, ରେଖା, ଗଙ୍ଗା-ଯମୁନା ଓ ବାଡ଼ିବନ୍ଧ ନାମରେ ନାମିତ ହସ୍ତତନ୍ତ ଓ ଶାଢ଼ିକୁ ପ୍ରୋତ୍ସାହିତ କରି ଢେଙ୍କାନାଳ ମାର୍କା ଶାଢ଼ି ଭାବେ ସ୍ୱତନ୍ତ୍ର ପରିଚୟ ଦେବାକୁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଜିଲା କାର୍ଯ୍ୟାଳୟ ପରିସରରେ ସରାଗପାଟଣା ବୁଣାକାର ସଂଘ ଦ୍ୱାରା ପ୍ରସ୍ତୁତ ଶାଢ଼ି, ଗାମୁଛା, ଲୁଙ୍ଗି ଓ ଶାର୍ଟ କପଡ଼ା ଆଦି ବିକ୍ରି ବ୍ୟବସ୍ଥାର ଜିଲାପାଳ ସରୋଜ କୁମାର ସେଠୀ ଶୁଭାରମ୍ଭ କରିଥିଲେ। ଜିଲା କାର୍ଯ୍ୟାଳୟର ସରକାରୀ ମହିଳା କର୍ମଚାରୀ ଏବଂ ଅଧିକାରୀମାନେ ବିଭିନ୍ନ ପ୍ରକାରର ଶାଢ଼ି ଓ ଶାର୍ଟ କପଡ଼ା କିଣିଥିଲେ। ଜିଲାପାଳ ନିଜେ ପ୍ରଥମେ ଏକ ଶାର୍ଟ କପଡ଼ା କିଣି ବିକ୍ରିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲାପାଳ ସରୋଜ କୁମାର ସେଠୀ କହିଲେ ଯେ, ଢେଙ୍କାନାଳ ଜିଲାରେ ପ୍ରସ୍ତୁତ ଶାଢ଼ିକୁ ପ୍ରୋତ୍ସାହିତ କରି ରାଜ୍ୟ, ଦେଶ ଓ ବିଦେଶରେ ଏହାକୁ ଆଦୃତ କରାଇବା ସହିତ ଆଧୁନିକ ଡିଜାଇନଯୁକ୍ତ କରି ଏହାକୁ ଅଧିକ ଆକର୍ଷଣୀୟ କରାଯିବ। ଏଥିପାଇଁ ସମ୍ବଲପୁର ଓ ସୋନପୁର ଜିଲାରୁ ଦକ୍ଷ ପ୍ରଶିକ୍ଷକମାନଙ୍କୁ ଡକାଇ ଜିଲାରେ ଥିବା ବୁଣାକାର ତଥା କାରିଗରମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ସରକାରୀ ଚାକିରି କରିଥିବା ମହିଳା କର୍ମଚାରୀମାନେ ସପ୍ତାହର ସୋମବାର ହସ୍ତତନ୍ତ ପ୍ରସ୍ତୁତ ଶାଢ଼ି ଓ ପୁରୁଷ କର୍ମଚାରୀମାନେ କପଡା କିଣି ଶାର୍ଟ ତିଆରି କରି ଏହାକୁ ପରିଧାନ କରିବାକୁ ଜିଲାପାଳ କହିଥିଲେ। ଏତଦ୍‌ବ୍ୟତୀତ ଜିଲାର ସମସ୍ତ ବ୍ଲକ, ପୌର, ଏନ୍‌ଏସି କାର୍ଯ୍ୟାଳୟ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଶାଢ଼ି, ଗାମୁଛା, କପଡ଼ା ଆଦିର ବିକ୍ରି କରାଯିବ। ଜନସାଧାରଣ ବହୁଳ ଭାବରେ ଜିଲାର ହସ୍ତତନ୍ତ ପ୍ରସ୍ତୁତ ସାମଗ୍ରୀ ବ୍ୟବହାର କରିବେ ବୋଲି ଜିଲାପାଳ ଆଶାବ୍ୟକ୍ତ କରିଥିଲେ। ସରାଗପାଟଣା ବୁଣାକାର ସଂଘର ନିରୀକ୍ଷକ ପ୍ରଶାନ୍ତ କୁମାର ସାହୁ ଏଥିରେ ସହଯୋଗ କରିଥିଲେ।

# ପରିକ୍ରମା କଲା ସଚେତନତା ରଥ

**ଢେଙ୍କାନାଳ ଅଫିସ, ୧୬।୧**

ଢେଙ୍କାନାଳରେ ଗତ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ସଡକ ସୁରକ୍ଷା ସପ୍ତାହ ପାଳିତ ହେଉଛି। ଏହି ଉପଲକ୍ଷେ ସୋମବାର ଏକ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି। ଜିଲା କାର୍ଯ୍ୟାଳୟଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ ଜିଲାପାଳ ସରୋଜ କୁମାର ସେଠୀ। ଏହି ଅବସରରେ ଏସ୍‌ପି ଜ୍ଞାନ ରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ସେହିପରି ଜିଲା କାର୍ଯ୍ୟାଳୟଠାରୁ ସଡ଼କ ସୁରକ୍ଷା ସଚେତନତା ପାଇଁ ଏକ ବାଇକ ଶୋଭାଯାତ୍ରା ମଧ୍ୟ ଆୟୋଜିତ ହୋଇଥିଲା। ଟ୍ରାଫିକ ନିୟମ ପାଳନ, ମଦ୍ୟପାନ କରି ଗାଡି ନ ଚଳାଇବା, ଦ୍ରୁତ ଗତିରେ ଗାଡିଚାଳନା ନ କରିବା, ଗାଡିଚାଳନା ସମୟରେ ମୋବାଇଲ ବ୍ୟବହାର ନ କରିବା, ସିଟ୍‌ବେଲଟ ବାନ୍ଧିବା, ବାଇକ ଚଳାଇବା ବେଳେ ହେଲମେଟ ପିନ୍ଧିବା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ ମିଶ୍ର ଓ ମୋଟରଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ସଡ଼କ ସୁରକ୍ଷା ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରାଯାଉଛି।

# ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ ଅପରିହାର୍ଯ୍ୟ




ଆତ୍ମରକ୍ଷା ତାଲିମ ପ୍ରମାଣପତ୍ର ସହ ଛାତ୍ରୀମାନେ।

**ଢେଙ୍କାନାଳ ଅଫିସ, ୧୬।୧**

ଢେଙ୍କାନାଳ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଅଧକ୍ଷା ମାନ ଗୋବିନ୍ଦ ଗୋଛିଙ୍କ ତତ୍ତ୍ୱାବଧାନରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ଡ. ସମୀର ସାହୁ ଯୋଗଦେଇ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ ଅପରିହାର୍ଯ୍ୟ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସଂଯୋଜକ ଅକ୍ଷୟ କୁମାର ନାଥ ଯୋଗଦେଇ ଆତ୍ମରକ୍ଷା ତାଲିମ ନେଇ ଉପସ୍ଥିତ ବୁଦ୍ଧି ଲଗାଇ ବିପଦରୁ ରକ୍ଷା ପାଇବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସଂଯୋଜକ ରତିକାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଶିକ୍ଷକ ପୂଜା ବେହେରା ଉପସ୍ଥିତ ଥିଲେ। ସମୀର ମଲ୍ଲିକ, ସୁଶାନ୍ତ କୁମାର ନାୟକ, ଅଜୟ ଦାସ ଓ ଅଧ୍ୟାପିକା ଅଧ୍ୟାପକମାନେ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ସରକାରଙ୍କୁ ଜଣାଯିବ ଦାବି

**ଢେଙ୍କାନାଳ ଅଫିସ, ୧୬।୧**

ଢେଙ୍କାନାଳ ସହରସ୍ଥିତ ବଳରାମ ମନ୍ଦିର ପ୍ରାଙ୍ଗଣରେ ସଦର ବ୍ଲକ କୃଷକ ସାଥୀମାନଙ୍କ ଏକ ବୈଠକ ସଭାପତି ସନାତନ ସାହୁଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକର ସମସ୍ତ ପଞ୍ଚାୟତରୁ ପ୍ରାୟ ୫୮ ଜଣ କୃଷକ ସାଥୀ ଉପସ୍ଥିତ ରହି ସେମାନଙ୍କ ସମସ୍ୟାକୁ ସଦର ବ୍ଲକ୍‌ର ବିଭାଗୀୟ ଅଧିକାରୀମାନେ ଅଣଦେଖା କରିବା ଏବଂ ରାଜ୍ୟସଂଘ ସହିତ ଆଲୋଚନା କରି ସରକାରଙ୍କୁ ଦାବିଗୁଡିକ ଅବଗତ କରିବା ବିଷୟରେ ଆଲୋଚନା କରିଥିଲେ। ଉକ୍ତ ସଭାରେ ସଦର ବ୍ଲକ କୃଷକ ସାଥୀମାନଙ୍କ ନୂତନ ସଭାପତି ଭାବେ ଦୀପ୍ତିରଞ୍ଜନ ଜେନା ଓ ସମ୍ପାଦକ ଭାବେ ମଳୟ କୁମାର ସାହୁଙ୍କୁ ମନୋନୀତ କରାଯାଇଥିବା ଏକ ପ୍ରେସ୍ ବିବୃତିରେ କୁହାଯାଇଛି।



ଢେଙ୍କାନାଳ ସହରକୁ ଆକର୍ଷଣୀୟ ରୂପ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଷ୍ଟାଡିୟମ ନିକଟରେ ନିର୍ମିତ ମତ୍ସ୍ୟକନ୍ୟା ମୂର୍ତ୍ତି।

# ଜନତା କଲେଜ ବାର୍ଷିକ କ୍ରୀଡ଼ା

**ଢେଙ୍କାନାଳ ଅଫିସ, ୧୬।୧**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି । ଯୁକ୍ତ୨ ଓ ଯୁକ୍ତ୩ର ଛାତ୍ରୀଛାତ୍ରଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇ ସେମାନଙ୍କ ମଧ୍ୟରେ ଦୌଡ଼, ଡିସକସ୍, ଜାଭେଲିନ ଓ ମ୍ୟୁଜିକ ଚେୟାର ଆଦି ବିଭାଗରେ ପ୍ରତିଯୋଗିତା ହୋଇଥିଲା। କଲେଜ ଅଧକ୍ଷ ସୁଧାଂଶୁ କୁମାର ବେହେରା ପତାକା ଉତ୍ତୋଳନ କରି କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଦିବସରେ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତ୍‌ଙ୍କୁ ପ୍ରେରଣା ଯୋଗାଇବା ସହିତ କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା କମିଟି ଉପସଭାପତି ଅଧ୍ୟାପକ ସଞ୍ଜୟ ନାୟକ, ଓଡ଼ିଆ ବିଭାଗର ଡ. ନରେଶ ନାୟକ, ସଂସ୍କୃତ ବିଭାଗ କବିରାଜ ସାହୁ, ଗଣିତ ବିଭାଗ ରାଜେଶ ସାହୁ, ଡେମୋନ୍‌ଷ୍ଟ୍ରେଟର ସମୀରଣ ପ୍ରଧାନ, ବିଭୂତି ଭୂଷଣ ସାହୁ, ଓଡ଼ିଆ ବିଭାଗ ମୁଖ୍ୟ ମହେଶ୍ୱର ପଟ୍ଟନାୟକ, ଇତିହାସ ବିଭାଗର ସଂଯୁକ୍ତା ବେହେରା, ପ୍ରାଣୀ ବିଜ୍ଞାନ ଶାଶ୍ୱତୀ ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। କ୍ରୀଡ଼ା ଶିକ୍ଷକ ଶୁଭକାନ୍ତ ପ୍ରଧାନ, ପୂର୍ବତନ କ୍ରୀଡ଼ା ଶିକ୍ଷକ ଅବନୀ ରଞ୍ଜନ ଜେନା, ପ୍ରହ୍ଲାଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



କଲେଜର ବାର୍ଷିକ କ୍ରୀଡ଼ାରେ ଅତିଥିମାନେ।

# ନାଗେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପିଙ୍କ ସମେତ ଅନ୍ୟମାନେ।

**ଭୁବନ, ୧୬।୧ (ଡି.ଏନ.ଏ.)**

ଭୁବନ ବ୍ଲକ ଭୂଷଳ ପଞ୍ଚାୟତ ଜୟପୁର ଗ୍ରାମରେ ନିର୍ମାଣ ହେଉଥିବା ନାଗେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ସିପ୍ରା ବରାଳ, ଭୂଷଳ ସରପଞ୍ଚ ରୁନି ମଲ୍ଲିକ, ପୂର୍ବତନ ଜିଲା ପରିଷଦ ଉପାଧକ୍ଷ ମାୟାଧର ପଣ୍ଡା, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ବରିଷ୍ଠ ସାମାଜିକ କର୍ମୀ ସୁଧାକର ସାହୁ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ମଲ୍ଲିକ ଯୋଗଦେଇ ମନ୍ଦିରକୁ ପଞ୍ଚାୟତର ଶ୍ରେଷ୍ଠ କରି ଗଢିତୋଳିବା ପାଇଁ ସଂକଳ୍ପ ନେଇଥିଲେ। ସକାଳେ ଗ୍ରାମର ଶତାଧିକ ମହିଳା କଳସ ଯୋଗେ ବ୍ରାହ୍ମଣୀ ନଦୀରୁ ପାଣି ଆଣି ଗ୍ରାମ ପରିକ୍ରମା କରିଥିଲେ। ୨ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପ୍ରସାଦସେବନ କରିଥିଲେ। ଗ୍ରାମର ବରିଷ୍ଠ କର୍ମକର୍ତ୍ତା ପଞ୍ଚାନନ ବେହେରା, ସହଦେବ ପରିଡ଼ା, ସୁଧାଂଶୁ ଶେଖର ମଲିକ, ପତିତପାବନ ଦେହୁରୀ, ପୀତବାସ ମଲ୍ଲିକ ଓ ତରଙ୍ଗ ମଲ୍ଲିକ ପରିଚାଳନା କରିଥିଲେ। ସମସ୍ତ ସ୍ୱୟଂସହାୟକ ଗୋଷ୍ଠୀ, ଯୁବକ ସଂଘ ସହଯୋଗ କରିଥିଲେ।

# ଠିକା କର୍ମଚାରୀଙ୍କ ଧାରଣା

**ତାଳଚେର, ୧୬।୧ (ନି.ପ୍ର.)**

୪ ମାସ ଧରି ଦରମା ନ ମିଳିବାରୁ ମଣ୍ଡାପାଳ ଚିକିତ୍ସାଳୟଠାରେ ଧାରଣାରେ ବସିଛନ୍ତି ମେଡିକାଲ ଠିକା କର୍ମଚାରୀ। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ନିଯୁକ୍ତ ଏହି ଠିକା କର୍ମଚାରୀମାନେ ୪ମାସ ହେବ ଦରମା ପାଇନାହାନ୍ତି। ତେଣୁ ପରିବାର ପ୍ରତିପୋଷଣ କରିବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ଏକ ପତ୍ର ମାଧ୍ୟମରେ ତାଳଚେର ଉପଖଣ୍ଡ ମଣ୍ଡାପାଳ ଚିକିତ୍ସାଧିକାରୀଙ୍କୁ ଜଣାଇଛନ୍ତି। ସେମାନଙ୍କୁ ନିୟମିତ ଦରମା ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ଏହି ଧାରଣାରେ କାର୍ଯ୍ୟରତ ଠିକାକର୍ମଚାରୀ ସାବିତ୍ରୀ ସାହୁ, ନନ୍ଦିନୀ ବାରିକ, ରଶ୍ମିତା ସାହୁ, ଗୁନୁବାଳା ସାହୁ, ବାସନ୍ତି ବରାଳ ପ୍ରମୁଖ ସାମିଲ ଥିଲେ। ଠିକା କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ରୋଗୀ ସେବା ବ୍ୟାହତ ହୋଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ଏ ନେଇ ଜିଲା ଭାଜପା ମିଡିଆ ସେଲ ଅଧକ୍ଷ ପର୍ଶୁରାମ ବାରିକ ସେମାନଙ୍କୁ ଭେଟିବା ସହ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗକୁ ଟୁଇଟ୍ କରି ଜଣାଇଛନ୍ତି।



ଠିକା କର୍ମଚାରୀମାନେ ଧାରଣାରେ ବସିଛନ୍ତି।

# ୨୭ରୁ ମିନି ମହୋତ୍ସବ, ପଲ୍ଲିଶ୍ରୀ ମେଳା

**ଢେଙ୍କାନାଳ ଅଫିସ, ୧୬।୧**

ବିଶ୍ୱକପ୍ ହକି ଉପଲକ୍ଷେ ସମଗ୍ର ଓଡ଼ିଶା ଉତ୍ସବ ମୁଖର ହୋଇପଡ଼ିଥିବା ବେଳେ ଢେଙ୍କାନାଳ ଜିଲାରେ ମଧ୍ୟ ମେଳା ମହୋତ୍ସବର ଆୟୋଜନ ହୋଇଛି। ଆସନ୍ତା ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ମିନି ଷ୍ଟାଡିୟମ ଓ ମୁଖ୍ୟ ଷ୍ଟାଡିୟମରେ ସାଂସ୍କୃତିକ ତଥା ମିନି ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ। ଏହି ଉତ୍ସବରେ ଜିଲା, ରାଜ୍ୟ ତଥା ଜାତୀୟସ୍ତରରେ କ୍ରୀଡ଼ା, କଳା ସଂସ୍କୃତି କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିପାଇଁ ଆସନ୍ତା ୨୨ ତାରିଖ ସୁଦ୍ଧା ଜିଲା କ୍ରୀଡ଼ା ଅଧିକାରୀ ଓ ଜିଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ଯୋଗ୍ୟ ବ୍ୟକ୍ତିମାନେ ଆବେଦନ କରିବା ପାଇଁ ସୋମବାର ପ୍ରଶାସନ ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ଜଣାଇ ଦିଆଯାଇଥିଲା। ସେହିପରି ଜିଲାର କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ଏକ ସ୍ମରଣିକା ପ୍ରକାଶ ପାଇବ। ଢେଙ୍କାନାଳ ସମେତ ଅନ୍ୟ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଭିନ୍ନ ପ୍ରମୁଖ ବିଭାଗକୁ ନେଇ ପ୍ରାୟ ୬୦ଟି ଷ୍ଟଲ ସହିତ ଏକ ଫୁଡଷ୍ଟଲ ମଧ୍ୟ ଖୋଲାଯିବ।

ଅପରାହ୍ନ ସାଢେ ୩ଟାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଅଧକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ ସାଂସ୍କୃତିକ ଓ ପଲ୍ଲିଶ୍ରୀ ମେଳାକୁ ସରସ ସୁନ୍ଦର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉତ୍ସବ ପାଳନକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ସ୍ଥାନୀୟ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କ ସହଯୋଗ ନିଆଯିବ। ପ୍ରାରମ୍ଭରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ପ୍ରସ୍ତୁତ ଏଜେଣ୍ଡାରେ ଏହାକୁ ଢେଙ୍କାନାଳ ଜିଲା ମହୋତ୍ସବ ଲେଖା ଯାଇଥିଲା। ହେଲେ ଜିଲା ସଂସ୍କୃତି ପରିଷଦ ଗଠନ ହୋଇ ନ ଥିବା ବେଳେ କିଭଳି ଜିଲା ମହୋତ୍ସବ ଆୟୋଜିତ ହେଉଛି ବୋଲି କେତୋଟି ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହିତ ସରକାରୀ ସ୍ତରରେ ବିଶେଷକରି ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଅନୁଷ୍ଠିତ ହେଉଥିବା ବିଭିନ୍ନ ସାଂସ୍କୃତିକ ଉତ୍ସବରେ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡିତ ବ୍ୟକ୍ତି ବିଶେଷଙ୍କୁ ବିଭାଗ ପକ୍ଷରୁ ଡକାଯାଉନାହିଁ ବୋଲି ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଜିଲାପାଳ କହିଥିଲେ, ହକି ବିଶ୍ୱକପ୍ ଉପଲକ୍ଷେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଏହି ମିନି ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେଉଛି। ପରବର୍ତ୍ତୀ ସମୟରେ ଜିଲାବାସୀ ଯେବେ ଚାହିଁବେ ସେତେବେଳେ ଢେଙ୍କାନାଳ ମହୋତ୍ସବ ବଡ ଧରଣର ଅନୁଷ୍ଠିତ ହେବ। ଯେହେତୁ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ହକି ବିଶ୍ୱକପ୍‌କୁ ନେଇ ହେଉଛି, ଏଥିରେ ସମସ୍ତେ ସହଯୋଗ କରିବା ପାଇଁ ଜିଲାପାଳ ଅନୁରୋଧ କରିଥିଲେ। ଏହାପରେ ଉତ୍ସବ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ସେହିପରି ସାଂସ୍କୃତିକ ଉତ୍ସବ ଓ ପଲ୍ଲିଶ୍ରୀ ମେଳା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଏସ୍‌ପି ଜ୍ଞାନ ରଞ୍ଜନ ମହାପାତ୍ର କହିଥିଲେ। ଜିଲା ସଂସ୍କୃତି ଅଧିକାରୀ ପ୍ରିୟମ୍ବଦା ବେହେରା ମିନି ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ କୁମାର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ ଧନ୍ୟବାଦ ପ୍ରଦାନ କରିଥିଲେ।




ସାଂସ୍କୃତିକ ଉତ୍ସବ ଓ ପଲ୍ଲିଶ୍ରୀ ମେଳା ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ନରହରିପୁର କପ୍ ଫୁଟ୍‌ବଲ୍ ଉଦ୍‌ଘାଟିତ

**ତାଳଚେର, ୧୬।୧ (ନି.ପ୍ର.)**

ତାଳଚେର ବ୍ଲକ ନରହରିପୁର ଗ୍ରାମର ବଙ୍ଗାଳି ତଇଳା ଠାରେ ରାଜ୍ୟସ୍ତରୀୟ ନରହରିପୁର କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ଅଧକ୍ଷା ମୃଦୁଳାଠାକୁର ପ୍ରଧାନ ଯୋଗଦେଇଥିଲେ। କ୍ଲବ ସଭାପତି ମନୋଜ ପ୍ରଧାନ ଅଧକ୍ଷତା କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ରଜନାଥପୁର ସମିତି ମେମ୍ବର ଅରୁପମା ପ୍ରଧାନ, କଣ୍ଡାଳ ସରପଞ୍ଚ ଯଶୋବନ୍ତି ବେହେରା, ସମିତିସଭ୍ୟା ସୁବର୍ଣ୍ଣା ସାହୁ, ଆଇନଜୀବୀ ପେସ୍କାର ଗଡନାୟକ, ସାମାଜିକ କର୍ମୀ ବିଭୂତି ସାହୁ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଜଟଣୀ ଏବଂ ଝାରସୁଗୁଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କମଳ ଲୋଚନ ସାହୁ, ରାକେଶ ପ୍ରଧାନ, ଶିଶିର ପ୍ରଧାନ, ସୁନୀଲ ପ୍ରଧାନ, ସୁରେଶ ପ୍ରଧାନ, ପ୍ରଶାନ୍ତ ବେହେରା, ମୁକେଶ ପ୍ରଧାନ, ବିଶ୍ୱଜିତ୍ ପ୍ରଧାନ, ରାମ ଗୋଛାୟତ, ବିଶ୍ୱଜିତ୍ ବେହେରାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।




ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ଅତିଥିମାନେ।

